# "ସତରେ କ'ଣ ପୁରୁଷଙ୍କ ପାଇଁ ଏ ଦେଶରେ ଆଇନ୍‌ର ଆବଶ୍ୟକତା ନାହିଁ" !

ମୋର ନାମ ବିରାଟ କୁମାର ଦାଶ (ଛଦ୍ମନାମ) । ଘର କରଞ୍ଜିଆ ଥାନା ଅନ୍ତର୍ଗତ ମୟୁରଭଞ୍ଜ ଜିଲ୍ଲାରେ । ବାପା ଜଣେ ଅଧ୍ୟାପକ ପରିବାର କହିଲେ ବାପା ବୋଉ ଏବଂ ଆମେ ଭାଇ ଭଉଣୀ ଦୁଇ ଜଣ । ପେଷାରେ ମୁଁ ହୋମିଓପ୍ୟାଥିକ୍ ଡକ୍ଟର । ଜଣେ ମଧ୍ୟସ୍ଥିଙ୍କ ପରାମର୍ଶ କ୍ରମେ ତା-୧୮-୦୬-୨୦୧୦ରିଖ ଦିନ ମୋର ବିବାହ ହୋଇଥିଲା । ମୋ ସ୍ତ୍ରୀ ସ୍ଥାନୀୟ ଏକ ସ୍କୁଲ୍‌ରେ ଶିକ୍ଷା ସହାୟକ ଭାବରେ କାର୍ଯ୍ୟ କରନ୍ତି । ପ୍ରଥମେ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ପରିବାର ସୁରୁଖୁରୁରେ ଚାଲୁଥିଲା । ମାତ୍ର ପରମୁହୂର୍ତ୍ତରେ ମୋ ସ୍ତ୍ରୀ ଚାହିଁଲେ ମୁଁ ବାପାମା'ଙ୍କ ଠାରୁ ଅଲଗା ରହିବା ପାଇଁ । କାରଣ ଘରେ ମୋର ଅବିବାହିତ ଭଉଣୀ ପଛରେ ପଇସା ଖର୍ଚ୍ଚ ହେଉଥିଲା ଏବଂ ମୋର ଦରମାର ସମସ୍ତ ଟଙ୍କା ପୂର୍ବ ଭଳି ମୁଁ ମା'ଙ୍କୁ ଦେଉଥିଲି । ସ୍ତ୍ରୀର ଦରମାରେ ଆମେ ଉଭୟଙ୍କର ଖର୍ଚ୍ଚ ହୋଇଯାଏ । ଶ୍ୱଶୁର ଘରକୁ କିଛି ପଇସା ପଠାଇବା ପାଇଁ ମୋର ସ୍ତ୍ରୀ ସର୍ବଦା ଜିଦ୍ କରୁଥିଲା ଏବଂ କିଛି କିଛି ଲୁଚାଇ ପଇସା ମଧ୍ୟ ପଠାଉଥିଲା । କୌଣସି କଥା ନଥାଇ ମଧ୍ୟ ମୋର ସ୍ତ୍ରୀ ଘରେ କଳି ଝଗଡ଼ା କରିବା ସହ ବଡ଼ ପାଟିରେ ଅଭଦ୍ର ଭାଷାରେ କଥାବାର୍ତ୍ତା କରୁଥିଲା । ବାଧ୍ୟ ହୋଇ ବାପା ଘର ପାଖରେ ଥିବା ଏକ ଜାଗାକୁ କିଣି ସେଠାରେ ଏକ ଦୁଇ ତାଲା ବିଶିଷ୍ଟ ଘର ତୋଳାଇ ଦେଲେ । ସେଠାରେ ଆମେ ଉଭୟେ ସ୍ୱାମୀ ସ୍ତ୍ରୀ ରହିଲୁ । ମାତ୍ର ଦୁଇ ମାସ ପରେ ପୂର୍ବଭଳି ପାଟିତୁଣ୍ଡ ଲାଗିବା ସହ ସ୍ତ୍ରୀ ମୋତେ ମାଡ଼ ମାରିବାକୁ ମଧ୍ୟ ପଛାଇଲା ନାହିଁ । ହାତକୁ ଯାହା ଆସିଲା ମୋ ଉପରକୁ ଫୋପଡ଼ା ଫିଙ୍ଗା କରିବା ସହିତ ରାମ୍ପୁଡ଼ା କାମୁଡ଼ା ମଧ୍ୟ କରୁଥିଲା । ଘରର ଉପର ଭାଗକୁ ଏକ ପ୍ରତିଷ୍ଠିତ ଇନ୍‌ସୁରାନସ୍ କମ୍ପାନୀକୁ ଭଡ଼ା ସୂତ୍ରରେ ଦିଆଯାଇଥିଲା । ଏଠାରେ କାର୍ଯ୍ୟ କରୁଥିବା ମ୍ୟାନେଜର୍‌ଙ୍କ ସହିତ ମୋର ସ୍ତ୍ରୀର ଅନୈତିକ ସମ୍ପର୍କ ଧିରେ ଧିରେ ସାଧାରଣ ଲୋକମାନେ ଜାଣି ଯାଇଥିଲେ । ଫଳରେ ଯଦି କୌଣସି ଲୋକ ସ୍ତ୍ରୀକୁ ଦେଖାଇଲା ଭଳି କିଛି କୁହେ ତେବେ ମୁଁ କହି ଦେଇଛି ବୋଲି କହି ମୋ ଉପରେ ଅକଥନୀୟ ନିର୍ଯାତନା ଦିଏ । ଇତି ମଧ୍ୟରେ ତା-୨୮-୦୫-୨୦୧୧ରିଖ ଦିନ ଆମର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ତାକୁ ମଧ୍ୟ ହତାଦର କରିବାରୁ ସେ ଜେଜେମା ପାଖରେ ରହୁଛି । ଟିକେ ଟିକେ କଥାରେ ମତେ ଧମକ ଦେଉଛି ଯେ, ଆମ (ଇନ୍‌ସୁରାନସ୍ କମ୍ପାନୀର ମ୍ୟାନେଜର୍) ପ୍ରେମରେ ବାଧା ସୃଷ୍ଟି କଲେ, ତୁମ ବାପାଙ୍କ ନାମରେ ଧର୍ଷଣ କେସ୍ ଦେଇ ଜେଲ୍‌କୁ ପଠାଇବୁ ଏବଂ ମୋ ଦରମାରୁ ଅଧା ପଇସା ନେଇଯିବ, ଏପରିକି ମୋର ଅବିବାହିତ ଭଉଣୀକୁ ବାନ୍ଧି ଜେଲ୍‌କୁ ପଠାଇବାର ଧମକ ଦେଉଛି । ବାପା ଜଣେ ପ୍ରତିଷ୍ଠିତ ଲୋକ, ଯଦି ଜେଲ୍‌କୁ ପଳାଇବେ, ତେବେ ପରିବାର ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯିବ । ଏହାକୁ ଡରି ସବୁ ମାଡ଼ଗାଳି ଖାଇ ଆମେ ଚୁପ୍‌ଚାପ୍ ରହୁଛୁ । ଆଇନିଜୀବୀ ଓ ନିକଟସ୍ଥ ଥାନା ବାବୁ ଯାହାକୁ ଦେଖା କଲେ ମଧ୍ୟ ସମସ୍ତଙ୍କର ସେଇ ଗୋଟିଏ କଥା ପୁଅମାନଙ୍କ ପାଇଁ କୌଣସି ଆଇନ୍‌ର ବ୍ୟବସ୍ଥା ନାହିଁ । ଆମେ କିଛି କରିପାରିବୁ ନାହିଁ । ଆପଣ ସବୁ ସହି ଚୁପ୍ ଚାପ୍ ରହି ଯାଆନ୍ତୁ । ଏଥିରେ ଆପଣଙ୍କର ଭଲହେବ । "ସତରେ କଣ ପୁରୁଷଙ୍କ ପାଇଁ ଏ ଦେଶରେ ଆଇନ୍‌ର ଆବଶ୍ୟକତା ନାହିଁ"........ ? ? ?


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ରଃ ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।